# ମୁଖବନ୍ଧ

ସମ୍ବିଧାନର ଧାରା 151 ଅନୁଯାୟୀ ଏହି ପ୍ରତିବେଦନ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମିତ୍ତ ପ୍ରସ୍ତୁତ କରାଯାଇଛି ।

ଓଡ଼ିଶା ସରକାରଙ୍କର ଆର୍ଥିକସ୍ଥିତିର ପ୍ରତିବେଦନ 2018-19 ବର୍ଷ ମଧ୍ୟରେ ରାଜ୍ୟର ଆର୍ଥିକ ସଂପାଦନର ଆକଳନ ଏବଂ ରାଜ୍ୟ ବିଧାନସଭାକୁ ସମୀକ୍ଷା ବିଶ୍ଳେଷଣ ଉପରେ ଆଧାରିତ ଆର୍ଥିକ ତଥ୍ୟର ଉପାଦାନ ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ । ଏହି ପ୍ରତିବେଦନ ଓଡ଼ିଶା ଫିସ୍କାଲ ରେସ୍‌ପନ୍‌ସିବିଲିଟି ଏବଂ ବଜେଟ ପରିଚାଳନା (ସଂଶୋଧନ) ଆକ୍ଟ 2016, ଚତୁର୍ଦ୍ଦଶ ଅର୍ଥ କମିଶନ ପ୍ରତିବେଦନ ଏବଂ 2018-19 ର ବଜେଟ ଆକଳନ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟର ଆର୍ଥିକ ସଂପାଦନର ବିଶ୍ଳେଷଣ କରିବା ପାଇଁ ପ୍ରଯତ୍ନ କରେ। ଏହି ପ୍ରତିବେଦନରେ ତିନୋଟି ଅଧ୍ୟାୟ ଅଛି ।

ଅଧ୍ୟାୟ **I** ବିତ୍ତୀୟ ହିସାବର ସମୀକ୍ଷା ଉପରେ ଆଧାରିତ ଏବଂ 31 ମାର୍ଚ୍ଚ 2019 ସୁଦ୍ଧା ଓଡ଼ିଶା ସରକାରଙ୍କ ବିତ୍ତୀୟ ସ୍ଥିତିର ଆକଳନ କରେ । ଏହା ରାଜସ୍ୱ, ଖର୍ଚ୍ଚ, ଋଣ ପରିଶୋଧ ଓ କରଜ ଢାଞ୍ଚାର ଆଧାର ଅନ୍ତଦୃଷ୍ଟି ଉପରେ ସୂଚନା ପ୍ରଦାନ କରେ ।

ଅଧ୍ୟାୟ **II** ବିନିଯୋଗ ହିସାବର ସମୀକ୍ଷା ଉପରେ ଆଧାରିତ ଏବଂ ସେବା ପ୍ରଦାନକାରୀ ବିଭାଗ ଗୁଡ଼ିକରେ ବଣ୍ଟନ କରାଯାଉଥିବା ସମ୍ବଳ ବିନିଯୋଗର ରିତି ବିଷୟରେ ସୂଚନା ପ୍ରଦାନ କରେ ।

ଅଧ୍ୟାୟ **III** ଆର୍ଥିକ ନିୟମ ଏବଂ ରିପୋର୍ଟ ପାଇଁ ଆବଶ୍ୟକ ଓଡ଼ିଶା ସରକାରଙ୍କର ଅନୁପାଳନର ତାଲିକା ପ୍ରଦାନ କରେ ।

ମଇ 2020 ରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ସହିତ ପ୍ରସ୍ଥାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ରାଜ୍ୟ ଆର୍ଥିକ ସ୍ଥିତିର ପ୍ରତିବେଦନରେ ପୁନଃଅବଲୋକନ ପାଇଁ ନିଆଯାଇଥିବା ସମସ୍ୟାଗୁଡ଼ିକର ଆଲୋଚନା କରାଯାଇଥିଲା । ଯେଉଁଠାରେ ସରକାରଙ୍କର ଜବାବ ମିଳିଥିଲା ସେଗୁଡ଼ିକ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଭାରତର ମହାସମୀକ୍ଷକ ଏବଂ ମହାନିୟନ୍ତ୍ରକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁଯାୟୀ ଅଡ଼ିଟ୍ ସଂପାଦନ କରାଯାଇଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ।